ପିଲାଙ୍କ ଧରିତ୍ରୀ

ଶନିବାର, ୨୧ ସେପ୍ଟେମ୍ବର, ୨୦୨୪



# ବୃଥା ପରାମର୍ଶ



## ଗପ

ଧୀବରଟିଏ। ନିତିଦିନ ନଈକୂଳକୁ ମାଛ ଧରିବାକୁ ଯାଏ। ଅଳ୍ପକିଛି ମାଛ ଧରିସାରିଲା ପରେ ତାକୁ ଖାଳେଇରେ ଭରି ବସିପଡ଼େ ସେଠାରେ ଥିବା ବରଗଛମୂଳେ। ଗଛଗଣ୍ଡିକୁ ଆଉଜି ଆରାମରେ ହାତଗୋଡ଼ ଲମ୍ବେଇ ଦେଇ ନଈ ପାଣିକୁ ଚାହିଁରହେ। ସେଥିରେ ବହୁଥିବା ଢେଉ ଢେଉକା ପାଣିର ସୁଅ, ପହଁରୁଥିବା ମାଛ ଆଦିଙ୍କୁ ମନଭରି ଦେଖେ। ବେଳେ ବେଳେ ସେ ନଈ ଭିତରକୁ ଛୋଟ ଢେଲାଟିଏ ପକାଇଦିଏ। ଏଣୁ ପାଣିରେ ଲହଡିଉଠେ। ଏସବୁ ଦେଖିବାକୁ ତାକୁ ଭାରି ଖୁସି ଲାଗେ। ସେଠାରେ କିଛିସମୟ ଏପରି ବସିଲା ପରେ ସେ ଖାଳେଇଟି ଧରି ଗାଁପାଖ ହାଟକୁ ଯାଏ। ସେଠାରେ ମାଛତକ ବିକି ଯେତିକି ପଇସାପାଏ ସେଥିରେ ତା’ ଛୋଟ ପରିବାରଟି ଚଳିବାପାଇଁ ଜିନିଷପତ୍ର କିଣିଆଣେ।

ଦିନକର କଥା। ସବୁଦିନ ପରି ଧୀବରଟି ତା’ ଦରକାର ମୁତାବକ ମାଛ ଧରି ସାରି ବରଗଛ ମୂଳେ ବସିଛି। ଏତିକିବେଳେ ସେ ବାଟ ଦେଇ ଘୋଡ଼ାରେ ଯାଉଥିଲେ ତାଙ୍କ ଗାଁର ସବୁଠାରୁ ଧନୀଲୋକ। ତାଙ୍କୁ ଦେଖି ସେ ଅଟକି ଗଲେ ଆଉ ଘୋଡ଼ାରୁ ଓହ୍ଲାଇ ତା’ ପାଖକୁ ଗଲେ। ଏଣୁ ଧୀବରଟି ବସିବା ଜାଗାରୁ ଉଠି ଠିଆ ହୋଇଗଲା। ତା’ ପରେ ଧନୀଲୋକ ତାକୁ ପଚାରିଲେ, ‘‘କିରେ, ତୋ’ ଖାଳେଇ ତ ପୂରଣ ହୋଇନି। ତୁ ଆଉ ମାଛ ନ ଧରି ଏମିତି ଖାଲିଟାରେ ବସିଛୁ କାହିଁକି ?‘‘

ଧୀବରଟି ଧୀର ସ୍ୱରରେ ଜବାବ ଦେଲା– ‘‘ଯେତିକି ଧରିଛି ତାକୁ ବିକିଦେଲେ ସେ ପଇସାରେ ମୋ’ ପରିବାର ଆଜିକ ଚଳିଯିବ। ଏଣୁ ମୁଁ ଅଧିକ ଧରିବି କାହିଁକି ?’’

ଏହା ଶୁଣି ଧନୀଲୋକ ଜଣକ ହସିଉଠି କହିଲେ,– ‘‘ତୁ ଏତିକି ବୁଝିପାରୁନୁ ? ଅଧିକ ମାଛ ଧରିଲେ ତାକୁ ବିକି ଅଧିକ ପଇସା ପାଇବୁ। ସେଥିରୁ ବଳକାତକ ସଞ୍ଚୟ କରିବୁ। ଏମିତି କରି ଚାଲେ ତୋ’ ପାଖରେ ବହୁତ ଧନ ହୋଇଯିବ...।’’

ଧୀବର ପଚାରିଲା– ‘‘ଅଧିକ ଧନ ହେଲେ କଣ’ ହେବ ?’’ ଧନୀଲୋକ ଉପହାସ କରି କହିଲେ– ‘‘ ଅଧିକ ଧନ ହେଲେ ତୁ କିଛି ଭଲ ବ୍ୟବସାୟ କରିବୁ। ସେଥିରୁ ଆହୁରି ବେଶି କମେଇବୁ... !

ଧୀବର ଶୁଣି ପଚାରିଲା– ‘‘ତା’ ହେଲେ କ’ଣ ହେବ ?’’ ଧନୀ ଲୋକ ଜବାବ ଦେଲେ– ‘‘ତୁ ମୋ’ ଭଳିଆ ଧନୀ ହୋଇଯିବୁ। ଘରେ ଚାକରବାକର ରଖିବୁ। ନିଜେ ଘୋଡ଼ାରେ ଚଢ଼ି ବୁଲିବୁ।’’

ଧୀବର– ‘‘ସେଥିରୁ କ’ଣ ମିଳିବ ?’’

ଏମିତିଆ ପ୍ରଶ୍ନ ଶୁଣି ଧନୀଲୋକଟି କେଟିଡ଼ିଗଲେ। ସେ କହିଲେ...‘‘ତୋତେ ଆଉ ଏମିତି ମାଛମାରିବା ଦରକାର ହେବନି। ତୁ ବସି ଆରାମ କରିବୁ ...।’’

ଏହାଶୁଣି ଧୀବର ଠୋ... ଠୋ... ହୋଇ ହସି ଉଠିଲା। ସେ ତାଙ୍କୁ ପଚାରିଲା– ‘‘ଏବେ ମୁଁ ଆଉ କ’ଣ କରୁଛି କି’... ? ସେଇ ଆରାମ ତ’ କରୁଛି....।’’

ଏକଥାକୁ ଧନୀଲୋକଙ୍କର କିଛି ଜବାବ ନ ଥିଲା। ସେ ବିରକ୍ତିରେ ଘୋଡ଼ା ଚଢ଼ି ସେଠାରୁ ପଳାଇଗଲେ। ଗପରୁ ଏହା ଶିକ୍ଷା ମିଳେ କି ଅଳସୁଆ ଲୋକଙ୍କୁ କିଛି ପରାମର୍ଶ ଦେବା ବୃଥା।

**– କନକଲତା ପରିଡ଼ା**
ଉଷା ନିବାସ, ଖଣ୍ଡଗିରି ବିହାର, ଭୁବନେଶ୍ୱର
ମୋ: ୯୯୩୭୩୦୧୪୬୦

## ଖିଲି ଖିଲି ହସ

ରାଜୁ ହୋମ୍‌ୱାର୍କ କରୁଥାଏ। ଏହି ସମୟରେ ତା’ ବାପା ଆସି କହିଲେ, ‘ରାଜୁ,ତୁ ମନ ଲଗାଇ ପାଠ ପଢ଼। ପାଠ ପଢ଼ି ଓକିଲ ହେବୁ।’ ରାଜୁ ପଚାରିଲା କାହିଁକି ବାପା ? ସେ ଉତ୍ତର ଦେଲେ,‘ତୁ ଭବିଷ୍ୟତରେ ଓକିଲ ହେଲେ ମୋ କଳା କୋଟ୍ ତୋ କାମରେ ଆସିବ।

ସ୍କୁଲରେ ବିଜ୍ଞାନ ଶିକ୍ଷକ ରୋହିତକୁ ପଚାରିଲେ, ଆରେ ତୁ ଆଜି ବି ଘୋଷିଲୁ ନାହିଁ ? ପରୀକ୍ଷା କେମିତି ଦେବୁ ? ରୋହିତ ଉତ୍ତର ଦେଲା–ସାର୍, ମୁଁ କାଲି ପଢୁଥିଲି ହେଲେ କିଛି ସମୟ ପରେ ଲାଇନ୍ କଟିଗଲା। ଶିକ୍ଷକ କହିଲେ–କରେଣ୍ଟ ଆସିବା ପରେ ପଢ଼ିଲୁନି ? ରୋହିତ କହିଲା, ସାର୍, ମୁଁ ଚାହୁଁ ନ ଥିଲି ମୋ ପାଇଁ ପୁଣି ଥରେ କରେଣ୍ଟ ଚାଲିଯାଉ।

ଏକଦା ଦୁଇ ଜଣ ସାଙ୍ଗ ପରସ୍ପର ଭିତରେ କଥା ହେଉଥିଲେ। ପ୍ରଥମ ସାଙ୍ଗ କହିଲା, ଆରେ, ତୁ ଚାଇନା ଭାଷା ପଢ଼ି ପାରିବୁ ? ଦ୍ୱିତୀୟ ସାଙ୍ଗ କହିଲା, ଚାଇନା ଭାଷା ପଢ଼ିବାରେ ଅସୁବିଧା କ’ଣ ? କାହିଁକି, ତୁ ପଢ଼ି ପାରିବୁନି ? ପ୍ରଥମ ସାଙ୍ଗ ମନା କରିବା ପରେ ଦ୍ୱିତୀୟ ସାଙ୍ଗ କହିଲା, ଯଦି ତାକୁ ଇଂରାଜୀ କିମ୍ବା ହିନ୍ଦୀ ଭାଷାରେ ଲେଖାଯାଏ, ତେବେ ପଢ଼ିବାରେ ଅସୁବିଧା କେଉଁଠି ରହିବ କହୁନୁ !

## ମତାମତ


▸▸ ‘ଗପ’ ସ୍ତମ୍ଭରେ ପ୍ରକାଶିତ ‘ଜଙ୍ଗଲ ବିନା ହଟହଟା’ ପଢ଼ି ଭଲ ଲାଗିଲା।
**–ପ୍ରତ୍ୟୁଷ କୁମାର ସାହୁ, ଅନୁଗୋଳ**

▸▸ ‘ମର୍ନିଂ ରୁଟିନ୍’ ବିଷୟଟି ବେଶ୍ ଶିକ୍ଷଣୀୟ ହୋଇଛି।
**–ତୃପ୍ତି ନାୟକ, ବଲାଙ୍ଗୀର**

▸▸ ‘କବିତା’ ସ୍ତମ୍ଭରେ ପ୍ରକାଶ ପାଉଥିବା କବିତାଗୁଡିକ ବେଶ୍ ଶିକ୍ଷଣୀୟ ହେଉଛି।
**–ପ୍ରୀତମ ମହାନ୍ତି, ଯାଜପୁର**

▸▸ ଏଥର ‘ତୁମ ତୂଳୀରେ’ ପ୍ରକାଶିତ ଚିତ୍ରଗୁଡିକ ସୁନ୍ଦର ହୋଇଛି।
**–ଅଭିଜିତ ଦାସ, ରାଉରକେଲା**

## ରଙ୍ଗ ଦିଅ



# କୁନି ନୃତ୍ୟଶିଳ୍ପୀ ରାଜଭିକା

## ପ୍ରତିଭା

ପିଲାଟି ଦିନରୁ ତାଙ୍କର ନାଚ ପ୍ରତି ଥିଲା ଅହେତୁକ ଆଗ୍ରହ। ଗୀତ ଶୁଣିବା ମାତ୍ରେ ଆପଣାଛାଏଁ ନାଚି ଉଠେ ତାଙ୍କ ପାଦ। ସେଥିପାଇଁ ତ ମାତ୍ର ୭ ବର୍ଷ ବୟସରୁ ଆଜି ସେ ଜଣେ ନୃତ୍ୟଶିଳ୍ପୀ ଭାବେ ନାଁ କରିଛନ୍ତି। ନୃତ୍ୟକଳା କ୍ଷେତ୍ରରେ ନିଜର ଏକ ପରିଚୟ ସୃଷ୍ଟି କରିପାରିଥିବା ଏହି କୁନି ପ୍ରତିଭା ଜଣକ ହେଉଛନ୍ତି ବାଲେଶ୍ୱର କୁରୁଡା ଅଞ୍ଚଳର ରାଜଭିକା ମହଲ।



ପ୍ରଦୀପ କୁମାର ମହଲ ଓ ଗାୟତ୍ରୀ ବିଶ୍ୱାଳଙ୍କର ଏକମାତ୍ର କନ୍ୟା ହେଉଛନ୍ତି ରାଜଭିକା। ବାପା ଜଣେ ବ୍ୟବସାୟୀ ହୋଇଥିବାବେଳେ ମାଆ ହେଉଛନ୍ତି କର୍ମଜୀବୀ। ନୃତ୍ୟକଳା ପ୍ରତି ଝିଅର ଆକର୍ଷଣକୁ ଦେଖି ସେମାନେ ପ୍ରେରଣା ସାଜି ସବୁ ସୁଯୋଗ ଯୋଗାଇ ଦେଉଛନ୍ତି। ସେ ଏବେ ଝାଡ଼େଶ୍ୱର ଇଣ୍ଟରନ୍ୟାଶନାଲ ସ୍କୁଲରେ ଷ୍ଟାଣ୍ଡାର୍ଡ–୨ର ଛାତ୍ରୀ। ପାଠପଢ଼ା ସହିତ ସେ ବାଲେଶ୍ୱରସ୍ଥିତ ଦେବ ଡ୍ୟାନ୍ସ ଏକାଡେମୀରେ ନୃତ୍ୟଗୁରୁ ପ୍ରେମ ନାୟକଙ୍କଠାରୁ ନୃତ୍ୟ କୌଶଳ ଶିକ୍ଷା କରୁଛନ୍ତି। ଏହା ବ୍ୟତୀତ ୟୁଟ୍ୟୁବ୍ ମାଧ୍ୟମରେ ବିଭିନ୍ନ ନୃତ୍ୟ କୌଶଳ ସବୁ ଦେଖି ପ୍ରତିଦିନ ଢେର୍ ସମୟ ଅଭ୍ୟାସ ବି କରନ୍ତି। କଥାରେ ଅଛି କଠିନ ପରିଶ୍ରମ କେବେ ବୃଥା ଯାଏନି। ତେଣୁ ନୃତ୍ୟ କଳାରେ ତାଙ୍କ ପ୍ରତିଭା ପାଇଁ ସେ ଅନ୍ୟ ସମସ୍ତଙ୍କଠାରୁ ବାରି ହୋଇ ପଡନ୍ତି। ଏହି କଳା ପାଇଁ ସେ ବିଦ୍ୟାଳୟ ତଥା ଜିଲା ସ୍ତରର ବିଭିନ୍ନ ନୃତ୍ୟ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରି କୃତିତ୍ୱ ଅର୍ଜନ କରିଛନ୍ତି। ନିକଟରେ ଭୁବନେଶ୍ୱର କସ୍ତୁରବା ମହଲଠାରେ ପ୍ରତିଭା ଏକାଡେମୀ ପକ୍ଷରୁ ଆୟୋଜିତ ହୋଇଥିବା ଅନ୍ୱେଷଣ–୨୦୨୪ ସିଜନ୍–୩ରେ ଭାଗ ନେବାର ସୁଯୋଗ ପାଇଥିଲେ। ଏହି ପ୍ରତିଯୋଗିତାରେ ସେ ନିଜ କଳାନୈପୁଣ୍ୟ ପ୍ରଦର୍ଶନ କରି ପ୍ରଥମ ସ୍ଥାନ ଅଧିକାର କରି ଜିଲା ପାଇଁ ଗୌରବ ଆଣିଛନ୍ତି। ସେହିପରି କଟକଠାରେ ରାଜ୍ୟସ୍ତରୀୟ ଡ୍ୟାନ୍ସ ଚାମ୍ପିୟନଶିପ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ରାଜଭିକା ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।

**– ବାଞ୍ଛାନିଧି ଦେ**

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ (ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ–ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com



# ବନ୍ଧୁ ଘରେ ବ୍ୟବହାର

**ପିଲାଙ୍କ ଚପଳାମି ବେଳେବେଳେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରେ। ବିଶେଷକରି ପଡ଼ୋଶୀ କିମ୍ବା ବନ୍ଧୁଙ୍କ ଘରେ ନିଜ କଥାବାର୍ତ୍ତା ଓ ବ୍ୟବହାରକୁ ମାର୍ଜିତ କରିବାକୁ ହୁଏ। ତେଣୁ ଏସବୁ ସ୍ଥାନରେ ଅଭିଭାବକଙ୍କ କଥା ଅନୁସାରେ ନିଜକୁ ସଜାଡି ନେବା ଜରୁରୀ।**

ପଡ଼ୋଶୀ, ବନ୍ଧୁମାନଙ୍କ ସହିତ ଭଲ ସମ୍ପର୍କ ରଖିବାକୁ ହେଲେ ବିଭିନ୍ନ ଦିଗକୁ ଦୃଷ୍ଟି ଦେବାକୁ ହୁଏ। ଆଉ ପିଲାମାନେ ବି ଏ କ୍ଷେତ୍ରରେ ଏକ ବିଶେଷ ଭୂମିକା ନିଭାଇଥାନ୍ତି। ଏମିତିରେ ପିଲାମାନଙ୍କୁ ନିଜ ଆଚରଣ ଓ କଥାବାର୍ତ୍ତା ଚାଲିଚଳଣ ସବୁକିଛି ପ୍ରତି ଦୃଷ୍ଟି ଦେବା ପାଇଁ ପରାମର୍ଶ ଦିଆଯାଏ। ତେଣୁ କୌଣସି କାମରେ ଅବା ଅଭିଭାବକଙ୍କ ସହ ବୁଲିବା ପାଇଁ ଯଦି ବନ୍ଧୁଙ୍କ ଘରକୁ ଯାଇଥାନ୍ତି ସେମାନଙ୍କ ଘରେ କିଭଳି ବ୍ୟବହାର କରିବେ ସେକଥା ଜାଣିବା ନିହାତି ଦରକାର। ନଚେତ୍ ଆପଣଙ୍କ ବ୍ୟବହାର ଖରାପ ହେଲେ ଦୁଇ ପରିବାର ମଧ୍ୟରେ ବହୁ ସମସ୍ୟା ସୃଷ୍ଟି ହୋଇପାରେ। ତେଣୁ ସମ୍ପର୍କୀୟଙ୍କ ଘରକୁ ଗଲେ କେଉଁ ସବୁ ବ୍ୟବହାର ପ୍ରତି ସତର୍କ ରହିବେ ଜାଣି ରଖନ୍ତୁ।

## କଥା ମାନନ୍ତୁ

କୌଣସି ସମ୍ପର୍କୀୟଙ୍କ ଘରକୁ ଗଲେ ସେଠାରେ କ'ଣ ସବୁ କରିବାକୁ ହେବ ଓ କେଉଁ କାମ ସବୁ ଆଦୌ କରିବେ ନାହିଁ ସେନେଇ ମାତାପିତା ପିଲାଙ୍କୁ ଭଲଭାବେ ବୁଝାଇଥାନ୍ତି। ତେଣୁ ସେମାନଙ୍କ କଥାକୁ ଆଦୌ ଭୁଲନ୍ତୁ ନାହିଁ। ତାଙ୍କ କଥା ଅନୁସାରେ ହିଁ ଆଚରଣ କରିବାକୁ ଚେଷ୍ଟା କରନ୍ତୁ। କାରଣ ବଡମାନେ ହିଁ ଜାଣିଥାନ୍ତି ଆପଣଙ୍କର କେଉଁ ବ୍ୟବହାର ଅନ୍ୟମାନଙ୍କୁ ଖରାପ ଲାଗିବ ଓ ସେହି ଅନୁସାରେ ମନାନ୍ତର ସୃଷ୍ଟି ହୋଇପାରେ। ତେଣୁ ବନ୍ଧୁଙ୍କ ଘରକୁ ଯାଇଥିଲେ ଅଭିଭାବକ କହିଥିବା କଥା ମାନନ୍ତୁ ଓ ସେହି ଅନୁସାରେ ନିଜ ବ୍ୟବହାର କରନ୍ତୁ।

## ଅନୁମତି ନିଅନ୍ତୁ

ବନ୍ଧୁ, ସମ୍ପର୍କୀୟଙ୍କ ଘରକୁ ଗଲେ ସେମାନଙ୍କ ବିନା ଅନୁମତିରେ ଘରର କୌଣସି ଆସବାବପତ୍ରରେ ଲାଗନ୍ତୁ ନାହିଁ। ଏମିତିକି କୌଣସି ଖେଳନା ଅବା କିଛି ଜିନିଷ ପ୍ରତି ଅତ୍ୟଧିକ ଆକର୍ଷଣ ଥିଲେ ପ୍ରଥମେ ଘରେ ବଡମାନଙ୍କଠାରୁ ଅନୁମତି ଆଣିବା ପରେ ହିଁ ସେହି ଜିନିଷରେ ଲାଗନ୍ତୁ। ତେବେ ସବୁଠୁ ବଡ କଥା ହେଉଛି କୌଣସି ଜିନିଷ ଭଙ୍ଗାରୁଜା କରି ନଷ୍ଟ କରନ୍ତୁ ନାହିଁ।



## ଉତ୍ତମ ବ୍ୟବହାର

ପିଲାମାନଙ୍କ ବ୍ୟବହାର ଓ ଆଚରଣ ଭଲ ଥିଲେ ସମସ୍ତଙ୍କୁ ଭଲ ଲାଗେ। ତେଣୁ ସବୁବେଳେ ଅନ୍ୟମାନଙ୍କୁ ଭଲ ବ୍ୟବହାର କରନ୍ତୁ। ଗୁରୁଜନଙ୍କୁ ସମ୍ମାନ ଦେବା ସହିତ ସାନମାନଙ୍କ ପ୍ରତି ସ୍ନେହପୂର୍ଣ୍ଣ ବ୍ୟବହାର କରନ୍ତୁ। ଏହା ସହିତ ଖାଇବା ପୂର୍ବରୁ ହାତ ଧୋଇବା, ଠିକ୍ ଢଙ୍ଗରେ ବସି ଖାଇବା, ନମ୍ର ଭାବରେ କଥା କହିବା ଭଳି ଭଦ୍ର ବ୍ୟବହାର କରନ୍ତୁ। ଏହା ବ୍ୟତୀତ ସବୁବେଳେ ଅଭିଭାବକ ଥିବା ସ୍ଥାନରେ ହିଁ ରୁହନ୍ତୁ। ଫଳରେ ପିଲାମାନେ ଯାହା କିଛି କାମ କରୁଥିବେ ସବୁ ସେମାନଙ୍କ ଦୃଷ୍ଟିଗୋଚର ହୋଇପାରିବ।

## ଭୁଲ ସ୍ୱୀକାର

କୌଣସି କାରଣରୁ ଯଦି ଅଜାଣତରେ ପିଲାଙ୍କ ଦ୍ୱାରା କିଛି ଭୁଲ୍ ହୋଇଯାଏ ତେବେ ନିଜ ଭୁଲ୍ ସ୍ୱୀକାର କରନ୍ତୁ। ଅର୍ଥାତ୍ କୌଣସି ଜିନିଷରେ ଲାଗିବାବେଳେ ଯଦି ତାହା ଭାଙ୍ଗିଯାଏ ଅବା ଖରାପ ହୋଇଯାଏ ତେବେ ନିଜଆଡୁ ସେମାନଙ୍କୁ ଜଣାଇ ଦିଅନ୍ତୁ। ଆଉ ଏହି ଭୁଲ୍ କାମ ପାଇଁ ଯାହା ଦଣ୍ଡ ବା ଗାଳି ମିଳିବ ତାକୁ ବିପରୀତ ଅର୍ଥରେ ନିଅନ୍ତୁ ନାହିଁ। ବରଂ ନିଜେ ଆଗୁଆ ଭୁଲ୍ ସ୍ୱୀକାର କରିବା ଫଳରେ ସମସ୍ତଙ୍କର ଏକ ସକାରାତ୍ମକ ଧାରଣା ସୃଷ୍ଟି ହେବ। ତେବେ ଭୁଲ୍‌ର ପୁନରାବୃତ୍ତି ଯେପରି ନ ହୁଏ ସେଥିପ୍ରତି ସତର୍କ ରହିବା ଦରକାର।


## ଧୈର୍ଯ୍ୟ ରଖନ୍ତୁ

ସମ୍ପର୍କୀୟଙ୍କ ଘରେ ଗୁରୁଜନମାନେ ଏକାଠି କଥା ହେଉଥିବା ସମୟରେ ସେମାନଙ୍କୁ ଅସୁବିଧାରେ ପକାଇବା ଭଳି କିଛି କାମ ଅଥବା ପାଟି କରନ୍ତୁ ନାହିଁ। ବେଳେବେଳେ ପିଲାମାନେ ଅଯଥା ପ୍ରଶ୍ନ କରି ସେମାନଙ୍କୁ ବିରକ୍ତ କରନ୍ତି କିମ୍ବା ଘରକୁ ଶୀଘ୍ର ଫେରିବା ପାଇଁ ଜିଦ୍ କରନ୍ତି। କିନ୍ତୁ ଏପରି କରିବା ମଧ୍ୟ ଠିକ୍ ନୁହେଁ। ବଡମାନେ ହୁଏତ ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟା ନେଇ ଗୁରୁତ୍ୱପୂର୍ଣ୍ଣ କଥାବାର୍ତ୍ତା ହେଉଥିବେ। ଏସବୁ ମଧ୍ୟ ବୁଝିବା ଦରକାର। ସେଠି ବେଶି ସମୟ ରହିବାକୁ ଯଦି ବିରକ୍ତ ଲାଗୁଥାଏ ତେବେ ସେହି ସମୟରେ ଆପଣ ଚାହିଁଲେ ଅନ୍ୟ ଘରକୁ ଯାଇ ଟିଭି ଦେଖିପାରନ୍ତି କିମ୍ବା ଅନ୍ୟ ପିଲାଙ୍କ ସହ ଖେଳିପାରନ୍ତି।

## ଯିବା ପୂର୍ବରୁ

ସମ୍ପର୍କୀୟଙ୍କ ଘରକୁ ଯିବା ପୂର୍ବରୁ ହିଁ ପିଲାମାନଙ୍କୁ ସେଠାରେ ସମୟ କଟାଇବା ପାଇଁ ମାନସିକ ପ୍ରସ୍ତୁତି କରି ଯିବା ଦରକାର। ଅର୍ଥାତ୍ ସେଠାରେ କେତେ ସମୟ ରହିବାକୁ ହେବ, ସମୟ କଟେଇବା, ଓ ଗପସପ କରିବା ପାଇଁ ସେଠାରେ ନିଜର କେହି ସାଙ୍ଗ ଅଛନ୍ତି କି ନାହିଁ, ଏସବୁ ବିଷୟରେ ଘରେ ପ୍ରଥମେ ଆଲୋଚନା କରନ୍ତୁ। ସେହି ଅନୁସାରେ ଯଦି କାହା ଘରକୁ ଯିବାକୁ ଭଲ ଲାଗୁ ନ ଥାଏ କିମ୍ବା ଅଳ୍ପ ସମୟ ପାଇଁ ଯିବାକୁ ଚାହୁଁଥାନ୍ତି ସେନେଇ ଆଗୁଆ କୁହନ୍ତୁ। ଫଳରେ ଅଭିଭାବକ ସେହି ଅନୁସାରେ ସମୟ ବାହାର କରି କମ୍ ସମୟରେ ଫେରି ଆସିବେ ଅଥବା ଏକୁଟିଆ ଯିବା ପାଇଁ ନିଷ୍ପତ୍ତି ନେଇପାରନ୍ତି। ତେଣୁ ଏସବୁ ଦୃଷ୍ଟିରୁ ମା'ବାପାଙ୍କ କଥା ମାନି ନିଷ୍ପତ୍ତି ନିଅନ୍ତୁ।




୧



୨


୩


୭


୪


୫


୬


୮

୧



**ସୋନମ୍ ପାତ୍ର**
କ୍ଲାସ-୮, ବିକାଶ ରେସିଡେନସିଆଲ ସ୍କୁଲ, ଭୁବନେଶ୍ୱର

୨

**ଦିବ୍ୟାଂଶ ଶତପଥୀ**
କ୍ଲାସ- ୨, ଡିଏଭି ପବ୍ଲିକ ସ୍କୁଲ, ଇଫକୋ, ପାରାଦୀପ



୩



**ପ୍ରିନ୍ସ ବିଶ୍ୱାସ**
କ୍ଲାସ- ୫, କେନ୍ଦ୍ରୀୟ ବିଦ୍ୟାଳୟ, ଆଇଏନଏସ୍ ଚିଲିକା

୪

**ନିର୍ଲିପ୍ତା ରାୟ**
କ୍ଲାସ- ୭, ଫ୍ୟୁଚର ଭୁବନେଶ୍ୱର ସ୍କୁଲ, ଭୁବନେଶ୍ୱର



୫



**ନିର୍ବାଣ ବିଶ୍ୱାସ**
କ୍ଲାସ- ୪, ଡି.ପି.ଏସ୍ କଳିଙ୍ଗ, କଟକ

୬

**ଆଦ୍ୟାଶା ପରିଡା**
କ୍ଲାସ- ୭, ପୋଦର ଇଣ୍ଟରନ୍ୟାଶନାଲ୍ ସ୍କୁଲ, ନଭି ମୁମ୍ବାଇ, ମୁମ୍ବାଇ



୭



**ଦୁତିକା ମଳିକ**
କ୍ଲାସ- ୯, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଚନ୍ଦ୍ରଗିରି, ଗଜପତି

୮

ମୁସ୍କାନ ପ୍ରଧାନ
କ୍ଲାସ- ୬, ସେଣ୍ଟ ଜାଭିଅର ହାଇସ୍କୁଲ, ଭୁବନେଶ୍ୱର



## କହିଲ ଦେଖି

କେତେ କଥା ସିଏ ମନେ ରଖିଛି
ଆଙ୍ଗୁଠି ବାଜିଲେ କହି ଦେଉଛି
ଥାକ ଥାକ ବହି କରି ଆହାର
ସବୁ ବିଦ୍ୟା ଅଛି ମୁଖସ୍ଥ ତା'ର
କି ନାଆଁ ତା'ର ?
ବିଜୁଳି ନ ଥିଲେ ହୁଏ ବେକାର ।



ଉତ୍ତର : **କମ୍ପ୍ୟୁଟର**

ଉଡୁଛି କିନ୍ତୁ ପର ନାହିଁ
ମହା ଆକାଶରେ ବୁଲୁ ଥାଇ
ବୋହି ନିଏ ଲୋକ ଦୂର ଜାଗାକୁ
କେବେ କୋଲକାତା କେବେ ଦିଲ୍ଲୀକୁ
ନାଆଁଟି ତାହାର କହିବ ଯିଏ
ସୁନା ପିଲାଟିଏ ହୋଇବ ସିଏ ?



ଉତ୍ତର : **ଉଡ଼ାଜାହାଜ**

ଟୁଙ୍ଗୁରୁ ରାଜାର ଦେହଟା ମୋଟା
ହାତ ନାହିଁ ତା'ର ଗୋଡ଼ ଚାରିଟା
ବଣରେ କାହାକୁ ଡରେନି ସିଏ
ଇନ୍ଦର ରାଜାର ବାହନ ହୁଏ
ଲକ୍ଷେରୁ ଅଧିକ ଦାନ୍ତ ଦିଟା
ଜାଣିଥିଲେ କୁହ ତା ନାଆଁଟା ?




ଉତ୍ତର : **ହାତୀ**

ଦୁଇ ଜଣଙ୍କର ଗୋଟିଏ ନାଆଁ
ଗୋଟିଏ ଡାହାଣ ଗୋଟିଏ ବାଆଁ
ଚାଲିଲେ ଶୁଭଇ ପଅଟ ପଟ
ପାଦ ସେବା କରେ ବଡ଼ରୁ ଛୋଟ
କିଏରେ ସିଏ ?
ଏତେ ସେବାକରି ତୁନିକି ରୁହେ ।



ଉତ୍ତର : **ଚପଲ**

ତିନି ମୁଣ୍ଡ ଦଶ ଗୋଡ଼କୁ ଧରି
ମାଟିକୁ ଓଲଟା ଦେଉଛି କରି
ସଭିଙ୍କୁ ଯୋଗାଇ ଦିଏ ଆହାର
ମଣିଷ ଦେଖାଏ ବଡ଼ ଚାତର
ଖରା ବରଷାକୁ ନାହିଁ ତା' ଡର
କହିଲ ଦେଖିବା ନାଆଁ ତାହାର ?




ଉତ୍ତର: **ହଳ ମଣିଷ**

**– ମୋହନ କୁମାର ସ୍ୱାଇଁ**
ବେଣାପୁର, କଣ୍ଟିଗଡ଼ିଆ, ଯାଜପୁର
ମୋ: ୮୧୧୮୦୯୯୦୩୮

## ଏଥରର

- ବିଶ୍ୱ ଐତିହ୍ୟସ୍ଥଳ ଭାବେ ୟୁନେସ୍କୋରେ ସ୍ଥାନ ପାଇଥିବା ଶାନ୍ତିନିକେତନ ପୀଠ ଆମ ଦେଶର କେଉଁ ରାଜ୍ୟରେ ଅବସ୍ଥିତ ?
- ଭାରତୀୟ ଭାଷା ଉତ୍ସବ ଯାହା ୭୫ଦିନିଆ ଉତ୍ସବଭାବେ ପାଳନ କରାଯାଏ ପ୍ରଥମେ କେଉଁ ସହରରେ ଆରମ୍ଭ ହୋଇଥିଲା ?
- ଗର୍‌ବା କେଉଁ ରାଜ୍ୟର ପାରମ୍ପରିକ ନୃତ୍ୟ ?
- 'ବଟୁକମ୍ମା' କେଉଁ ରାଜ୍ୟର ଏକ ପ୍ରଧାନ ପର୍ବ ?
- କେଉଁ ରାଜ୍ୟର ଏକ ବାର୍ଷିକ ଉତ୍ସବଭାବେ 'ବାଣି ଫେଷ୍ଟିଭାଲ' ପାଳନ କରାଯାଏ ?

## ଗତଥରର




- ୧୯୯୮ରୁ ୨୦୦୩ ମଧ୍ୟରେ ହୋଇଥିବା ଦ୍ୱିତୀୟ କଙ୍ଗୋ ଯୁଦ୍ଧ
- ଝାଡଖଣ୍ଡ
- ଆଫଗାନିସ୍ତାନ
- ଲାହୋର ନିକଟ ନାନ୍‌କନ ସାହିବ
- ହିନ୍ଦୁ, ବୌଦ୍ଧ ଓ ଜୈନ



## କବିତା

### ଶରତ ଛୁଇଁଲା ଧରା

ବରଷାର ବଳ ବୟସ ସରିଲା
ଶରତ ଛୁଇଁଲା ଧରା
ନଈ କୂଳେ କୂଳେ କାଶତଣ୍ଡୀ ହସେ
ବିଲେ ଧାନ କେରା କେରା ।
ନିରିମଳ ଲାଗେ ବିଶାଳ ଆକାଶ
ଭାସେ ତହିଁ ମେଘମାଳା
ଶରତ ରାତିର ପୂର୍ଣ୍ଣମୀର ଚାନ୍ଦ
ଶୋଭା ଅତି ମନଲୋଭା ।
ସାଥିରେ ଆଣିଛି ପରବ ମେଳଣ
ଯୋଡି ଦେବ ଭାଇ ଚାରା
ଯୁଇ ଜାଇ ଜବା ଫୁଟିବ ଜିନିଆଁ
ବନ ଉପବନ ସାରା ।
ସୁଶୀଳ ସରିତ କୁଳୁକୁଳୁ ହୋଇ
ବହିଯାଏ ଗାଇ ଗୀତ
କାନେ କାନେ ସେ'ତ କହି ଦେଇଯାଏ
ପଛରେ ଆସୁଛି ଶୀତ ।

**– ସୁହଂସ ଭୋଇ**
ପହଣ୍ଡି, ବରଗଡ଼
ମୋ: ୯୪୩୭୫୨୨୪୫୫

### ସାଧୁ ସଙ୍ଗ

ହସ୍ତରେ ଧରିଲେ
ସୁବାସିତ ଫୁଲ
ହାତ ଉଠିଥାଏ ବାସି,
ସାଧୁ ସଙ୍ଗ କଲେ
ସାଧୁ ହୁଏ ନର
ସାଧୁତା ଗୁଣ ପ୍ରକାଶି ।
ଧରିଲେ ଅଙ୍ଗାର
କଳା ହୁଏ କର
ଅପବିତ୍ର କଳଙ୍କିତ,
ଅସାଧୁ ସହିତ
ହେଲ ଯଦି ମିତ
ଚରିତ୍ର ହୁଏ ଦୂଷିତ ।
ଦେବତାଙ୍କ ପ୍ରିୟ
ଫୁଲ ପରି ସାଧୁ
ଅସାଧୁ ଖଳ ଅସୁର,
ସାଧୁ ସୁଧା ରସ
ଅସାଧୁ ଆମିଷ
ଜାଣି ବୁଝି ପାନ କର ।

**– ଆକୁଳାନନ୍ଦ ପୃଷ୍ଟି**
ମହାଳପଡ଼ା, କଖଡି, କଟକ
ମୋ: ୯୪୩୭୮୬୪୫୬୨

### ଭଲ ମଣିଷ ହେବା

ବାପା କହିଲେ ପିଲାଏ ଶୁଣ
କଥା ମାନିଲେ ହୋଇବ ତୁମେ
ଭଲ ମଣିଷ ଜାଣ ।
କହିବ ସଦା ସତ ବଚନ
ଭୟ କରିବ ନାହିଁ
ଆସିଲେ ଯେତେ ଝଡ ଓ ଝଞ୍ଜା
ମଥା ନୋଇଁବ ନାହିଁ ।
ଗୁରୁଜନଙ୍କୁ କରିବ ଭକ୍ତି
ସାନଙ୍କୁ ଦେବ ସ୍ନେହ
ଦୟା କରିବ ଦୁଃଖୀଜନଙ୍କୁ
ପୋଛିବ ତାଙ୍କ ଲୁହ ।
ଆଜିର କାମ କରିବ ଆଜି
ଅଳସପଣ ଛାଡି
ସମୟ ମୂଲ୍ୟ ବୁଝିବ ଯେବେ
ଆଗକୁ ଯିବ ମାଡି ।
ଭଲ ମଣିଷ ହୋଇବ ତୁମେ
କରିଲେ ଭଲ କାମ
ମାଟି ମା' ର ସେବା କରିବ
ରଖିବ ଦେଶର ନାମ ।

**– ଅନୁଲିପ୍ତା ମିଶ୍ର**
ଶାସନ, ସିଦ୍ଧଳ, ଜଗତସିଂହପୁର
ମୋ: ୯୯୩୮୪୦୦୨୦୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

# ଅଣ୍ଡର ୱାଟର ମ୍ୟାଜିକ୍

ପାଣି ଭିତରେ କିଛି ସେକେଣ୍ଡ ରହିବା ସାଧାରଣ ଲୋକଙ୍କ ପାଇଁ କଷ୍ଟକର ହୋଇଥାଏ। କିନ୍ତୁ କେତେକ ଅଛନ୍ତି ଯେଉଁମାନେ ଢେର୍ ସମୟ ପାଣି ଭିତରେ ରହି ବିଭିନ୍ନ କଳାକୌଶଳ ଦେଖାଇ ପାରନ୍ତି। ଏମିତି ଏକ କାମ କରି ଉଦାହରଣ ସୃଷ୍ଟି କରିଛନ୍ତି ଆମେରିକାର ୧୪ ବର୍ଷୀୟା ବାଳିକା ଆଭେରି ଏମରସନ୍ ଫିଶର। ପାଣି ଭିତରେ ସେ ୩ ମିନିଟ୍ ରହି ସର୍ବାଧିକ ୩୮ ପ୍ରକାରର ମ୍ୟାଜିକ୍ ଶୋ' ଦେଖାଇ ପାରିଛନ୍ତି। ଏଭଳି ଏକ ଆଶ୍ଚର୍ଯ୍ୟଜନକ ଦକ୍ଷତା ପାଇଁ ତାଙ୍କୁ ଗିନିଜ୍ ରେକର୍ଡରେ ସ୍ଥାନ ମିଳିଛି। ଆଭେରି ପିଲାବେଳରୁ ସ୍କୁବା ଡାଇଭିଂ କରିବାକୁ ଖୁବ୍ ଭଲପାଆନ୍ତି। ତେଣୁ ଏଥିପାଇଁ ସେ ଅଭ୍ୟାସ ଚଳାଇ ଥିଲେ। ସ୍କୁବା ଡାଇଭିଂ ସହିତ ସେ ଧୀରେ ଧୀରେ ବିଭିନ୍ନ ପ୍ରକାରର ଅଣ୍ଡରୱାଟର ଶୋ ମଧ୍ୟ କରିବାକୁ ଲାଗିଲେ। ତାଙ୍କର ଏହି ନିଷ୍ଠା ହିଁ ତାଙ୍କୁ ସଫଳତା ଦେବାରେ ସହାୟକ ହୋଇଥିଲା। ଏବେ ତାଙ୍କର ଏହି ଦକ୍ଷତା ତାଙ୍କୁ ଦେଇଛି ଭିନ୍ନ ପରିଚୟ। ତେବେ ୨୦୨୩ ନଭେମ୍ବର ମାସରେ ସେ ତାଙ୍କର ଏହି ସଫଳତା ସମ୍ପର୍କରେ ଜଣାଇଥିଲେ।





## କ୍ଲାସ୍‌ରେ ଦିନେ

କୁନା ହେଉଥିଲା ଟୁପୁରୁଟାପୁରୁ
ମୁନା କରୁଥିଲା ପାଟି,
କୁନି ଚିରୁଥିଲା ପିଲାଙ୍କ ବସ୍ତାନି
ମୁନି ଖେଳୁଥିଲା ବାଟି ।।
କୁନି, କୁନା ଆଉ ମୁନି, ମୁନା ମିଶି
ହେଇଗଲେ ପିଟାପିଟି,
ଏତିକି ବେଳକୁ ଉପରୁ ଖସିଲା
ମସ୍ତବଡ ଝିଟିପିଟି ।।
କାମୁଡିଲା କାମୁଡିଲା ବୋଲି
ପିଲାଏ କରିଲେ ପାଟି,
ଝିଟିପିଟି ତା'ର ତା'ବାଟରେ ଗଲା
ଏପଟରୁ ବାଟକାଟି ।।
ଭୟରେ ସଭିଏଁ ତୁନି ହେଇଗଲେ
ଆଉ ଶୁଭିଲାନି ପାଟି,
କେହି କାହା ସାଙ୍ଗେ କଜିଆ
କଲେନି
ପକାଇଲେ ନାହିଁ କଟି ।।
କ୍ଲାସ୍‌ରେ ଦିନେ ଏମିତିକା କଥା
ଯାଇଥିଲା ଆମ ଘଟି,
ସେଇଦିନଠାରୁ ଅଯଥାରେ କେହି
କରନ୍ତିନି ଆଉ ପାଟି ।।

**– ଜୟଦେବ ବେହେରା**
ସୁବର୍ଣ୍ଣପୁର, ଗୋପ, ପୁରୀ
ମୋ: ୯୫୫୬୭୨୩୦୭୩





# ମଣିଷର ହାତ ଥରେ କାହିଁକି

ଦିନେ ସକାଳୁ ସକାଳୁ ଜେଜେ ଘର ବାରଣ୍ଡାରେ ପଡିଥିବା ଚୌକି ଉପରେ ବସି ଥାଆନ୍ତି। ଏହି ସମୟରେ ନାତି ରାଜୁ ଗ୍ଲାସ୍‌ରେ ପାଣି ଆଣି ତାଙ୍କ ହାତକୁ ବଢ଼ାଇଦେଲା । ଜେଜେ ଧରିବା ବେଳେ ତାଙ୍କ ହାତ ଥରିବାକୁ ଲାଗିଲା ଓ ଧରୁ ଧରୁ ପାଣି ଗ୍ଲାସ ତଳେ ପଡ଼ିଗଲା। ରାଜୁ ପଚାରିଲା, ଜେଜେ, ଆପଣଙ୍କ ହାତ ଏମିତି ଥରୁଛି କାହିଁକି? ଜେଜେ କହିଲେ, ମୁଁ ବୁଢ଼ା ହୋଇଗଲି, ତେଣୁ ହାତ ଥରୁଛି। ଏହି ସମୟରେ ରାଜୁର ବାପା ଘର ଭିତରୁ ଆସିଲେ। ତଳେ ପାଣି ଗ୍ଲାସ ପଡ଼ିବାର ଦେଖି ରାଜୁକୁ ପଚାରିଲେ। ରାଜୁ କହିଲା, ବାପା, ଜେଜେଙ୍କ ହାତ ଜୋରରେ ଥରୁଛି କାହିଁକି? ବାପା କହିଲେ, ହାତ ଥରିବା ଏକ ସ୍ୱାଭାବିକ କ୍ରିୟା, କୌଣସି ରୋଗ ସହିତ ଏହାର ସମ୍ପର୍କ ନ ଥାଏ। ତୋ ମାମୁ ତ ଡାକ୍ତର। ସେ ଆସନ୍ତା ରବିବାର ଦିନ ଘରକୁ ଆସୁଛନ୍ତି। ତାଙ୍କୁ ଏ ବିଷୟ ପଚାରିବୁ, ସେ ଠିକ୍ ଉତ୍ତର ଦେବେ।

ସତକୁ ସତ ରାଜୁର ମାମୁ ରବିବାର ଦିନ ଘରକୁ ଆସିଲେ। ମଧ୍ୟାହ୍ନ ସମୟରେ ସମସ୍ତେ ମିଶି ଭୋଜନ କଲେ। ତା' ପରେ ରାଜୁ ପଚାରିଲା, ମାମୁ, ସତରେ କ'ଣ ବୁଢ଼ା ହେଲେ ସମସ୍ତଙ୍କର ହାତ ଥରେ? ମାମୁ କହିଲେ ନା, କେତେକଙ୍କର ମଣିବନ୍ଧ ଓ ଆଙ୍ଗୁଠିରେ ରହିଥିବା ଖଞ୍ଜାଗୁଡ଼ିକର ବାରମ୍ବାର ଅଣାୟତ୍ତ ଗତି ହିଁ ସାଧାରଣତଃ ହାତକୁ ଥରାଇଥାଏ। ମସ୍ତିଷ୍କରେ ରହିଥିବା ସେରିବେଲମ୍ ବା ଅନୁ ମସ୍ତିଷ୍କ ମୁଖ୍ୟତଃ ଏହି ଗତିକୁ ନିୟନ୍ତ୍ରଣ କରିଥାଏ। ହାତରେ ଦୁଇପ୍ରକାର ମାଂସପେଶୀ ରହିଥାଏ। ଏକ ପ୍ରକାର ମାଂସପେଶୀ ଏହାକୁ ବନ୍ଦ କରିବାରେ ସାହାଯ୍ୟ କରେ। ହାତ ଥରିବା ବେଳେ ଏହି ଦୁଇ ପ୍ରକାର ମାଂସପେଶୀ ଥରକୁ ଥର କ୍ରମାନ୍ୱୟ ଭାବରେ ସଙ୍କୁଚିତ ଓ ପ୍ରସାରିତ ହୋଇଥାନ୍ତି। ରାଜୁ କହିଲା– ମାମୁ, ଦିନେ ଆମ ଶ୍ରେଣୀରେ ମୋର ଜଣେ ସାଙ୍ଗ ସାର୍ ପାଠ ପଢ଼ାଉଥିବା ସମୟରେ କଥାବାର୍ତ୍ତା ହେଉଥିବାରୁ ତା' ଉପରେ ଏମିତି ଭୀଷଣ ରାଗିଗଲେ ଯେ ତାଙ୍କର ହାତମୁହଁ ଗୋଡ଼ ଥରିବାକୁ ଲାଗିଲା। ମାମୁ କହିଲେ, ତୁ ଠିକ୍ କହିଛୁ। ଅତି ଜୋର୍‌ରେ ରାଗିଯାଇ କିଛି କହିଲା ବେଳେ ଶରୀରର କେତେକ ଅଂଶ ଥରି ଉଠିଥାଏ। କେବଳ ହାତ ଗୋଡ଼ ନୁହେଁ କଣ୍ଠ ମଧ୍ୟ ଥରିଥାଏ। କ୍ରୋଧ ଓ ଭୟ ବ୍ୟତୀତ ମାନସିକ ଅଶାନ୍ତି, ଶାରୀରିକ କ୍ଲାନ୍ତି, ଅତ୍ୟଧିକ ବ୍ୟାୟାମ ଆଦି ଯୋଗୁ ମଧ୍ୟ ଥରିଥାଏ। ଶାରୀରିକ କ୍ରିୟା ଠିକ୍ ହୋଇଗଲେ ଏହା ଆପେ ଆପେ ଦୂର ହୋଇଯାଏ। ରାଜୁ କହିଲା, ମାମୁ କିଛି ଦିନ ତଳେ କକାଙ୍କର ଦେହ ଖରାପ ହେବାରୁ ବଜାରରୁ ଔଷଧ ଆଣି ଖାଇଥିଲେ। ହଠାତ୍ କେତେ ସମୟ ପରେ ତାଙ୍କର ଦେହ ହାତ ଥରିବାକୁ ଲାଗିଲା। ମାମୁ କହିଲେ, ସତ କଥା, କେତେକ ଔଷଧର ପାର୍ଶ୍ୱକ୍ରିୟା ଯୋଗୁ ମଧ୍ୟ ବେଳେ ବେଳେ ହାତରେ କମ୍ପନ ସୃଷ୍ଟି ହୋଇଥାଏ। ଆମ ଭଳି ଚିକିତ୍ସକଙ୍କ ମତରେ ହାତ ଥରିବା ଏକ ଥାଇରଏଡ୍‌ଜନିତ ରୋଗ। ଆମ ଶରୀରରେ ଥିବା ଥାଇରଏଡ୍ ହରମୋନର ଅସୁବିଧା ବା ଅଭାବ ହେଲେ ହାତ ଥରିଥାଏ। ସେହିପରି ରକ୍ତରେ ଶର୍କରାର ପରିମାଣ କମିଗଲେ ମଧ୍ୟ ହାତ ଥରିବା ଆରମ୍ଭ ହୋଇଥାଏ। ଏସବୁ କଥା ରାଜୁର ମା' ଘରେ ଭିତରେ ଶୁଣୁଥିଲେ। ସେ ଭିତରୁ ଆସି ତାଙ୍କ ଡାକ୍ତର ଭାଇଙ୍କୁ ଦେଖି କହିଲେ ଭାଇ, ବାପା ଦିନେ କହୁଥିଲେ ତାଙ୍କ ପରିବାରରେ ପୂର୍ବରୁ ଏଭଳି ହାତଥରା ଥିଲା। ଡାକ୍ତର ଭାଇ କହିଲେ, ଏହା ମଧ୍ୟ ଠିକ୍। ଏହି ହାତ ଥରିବା ମାତାପିତାଙ୍କ ଜିନୀୟ ଦୋଷରୁ ହିଁ ହୋଇଥାଏ। କିନ୍ତୁ ମଜା କଥା ହେଉଛି, ଯାହାର ହାତ ଥରୁଥିବ ସେ ଠିକ୍ ଭାବେ ଅନୁଭବ କରି ନ ଥାଏ। ପାଖରେ ଥିବା ଲୋକ ଦେଖି ଯଦି ତାଙ୍କୁ ଏ ବିଷୟରେ କୁହନ୍ତି ସେତେବେଳେ ସେ ଟିକିଏ ବ୍ୟସ୍ତ ବିବ୍ରତ ହୋଇପଡ଼ି ନିଜକୁ ଅସହାୟ ମନେକରନ୍ତି। ୬୦ ବର୍ଷ ଅତିକ୍ରାନ୍ତ ପରେ ଏହାକୁ ବାର୍ଦ୍ଧକ୍ୟଜନିତ କମ୍ପନ ବା ଡାକ୍ତରୀ ଭାଷାରେ 'ସିନାଇଲ ଟ୍ରେମର' କୁହାଯାଏ।

ରାଜୁର ବାପା ପାଖ ରୁମ୍‌ରୁ ଆସି ମଜାରେ ପଚାରିଲେ ଡାକ୍ତର ବାବୁ, ମୋର ଜଣେ ସାଙ୍ଗ ପ୍ରଚୁର ମଦ୍ୟପାନ କରୁଥିଲେ। କିନ୍ତୁ ତାଙ୍କୁ ଜବରଦସ୍ତ ମଦ୍ୟପାନରୁ ନିବୃତ୍ତ ରଖାଗଲା ପରେ ଦେଖାଗଲା ଯେ ତାଙ୍କର ହାତ ଥରିବାକୁ ଲାଗିଲା। ଡାକ୍ତର ବାବୁ କହିଲେ ନା। ମାନସିକ ଚାପ, ଆବେଗ ଦ୍ୱାରା କେତେକ ମଦ୍ୟପାନ କରିଥାଆନ୍ତି। ତାହା ଅଭ୍ୟାସରେ ପରିଣତ ହୋଇଗଲେ ହାତଥରା ପ୍ରକ୍ରିୟା ଜଟିଳ ହୋଇପଡ଼େ। ଅବସ୍ଥା ଏଭଳି ହୁଏ ଯେ ଚା' କପ୍ ଧରି ଚା' ପିଇ ପାରନ୍ତି ନାହିଁ କିମ୍ବା ଭାତ ଗୁଣ୍ଡା ଧରି ପାଟି ପାଖକୁ ଗଲାବେଳେ ପାଟିକୁ ନ ଯାଇ ନାକରେ ବାଜି ତଳେ ପଡ଼ିଯାଏ। ସ୍ପ୍ରିଙ୍ଗ୍ ଖେଳନାର ମୁଣ୍ଡ ହଲୁଥିବା ଭଳି ହତା ସବୁବେଳେ ଥରୁଥାଏ । ହାତ ସହିତ ଗୋଡ଼, ତଳ, ଓଠ ଆଦି ମଧ୍ୟ ବେଳେ ବେଳେ ଥରୁଥାଏ। ରାଜୁ ପଚାରିଲା ମାମୁ, ହାତଥରା ରୋଗ କ'ଣ ଭଲ ହୋଇ ନ ଥାଏ କି? ମାମୁ କହିଲେ, ଅଭିଜ୍ଞ ଡାକ୍ତରଙ୍କ ପାଖରେ ଉପଯୁକ୍ତ ଚିକିତ୍ସା କରାଇଲେ ଏହା କମିଯାଏ। ରାଜୁର ମା' କହିଲେ ରାଜ, ତୋର ମାମୁ ରାତି ଅନିଦ୍ରା ହୋଇ ଆସିଛନ୍ତି। ସେ ଟିକିଏ ବିଶ୍ରାମ ନେବେ, ଚାଲ ଆମେ ସଭିଏ ଅନ୍ୟ ରୁମ୍‌କୁ ଯିବା।

–ବିନୋଦ ଚନ୍ଦ୍ର ଜେନା, ପାରଳାଖେମୁଣ୍ଡି,ଗଜପତି
ମୋ : ୭୭୩୫୨୨୨୭୧୩

# କେତେ ସମୟ ଶୁଏ କୁକୁର



ଗୃହପାଳିତ ପ୍ରାଣୀଙ୍କ ମଧ୍ୟରୁ କୁକୁର ପାଳିବାକୁ ପ୍ରାୟ ଅନେକେ ପସନ୍ଦ କରନ୍ତି। ପୁଣି ବିଭିନ୍ନ ପ୍ରଜାତିର କୁକୁରଙ୍କ ଚାହିଦା କାହିଁରେ କେତେ। ହେଲେ କୁହାଯାଏ ଏମାନଙ୍କର ନିଦ କ୍ଷଣସ୍ଥାୟୀ। ସେମାନେ ପ୍ରାୟ କେତେ ସମୟ ଶୁଅନ୍ତି, ତୁମେମାନେ ଜାଣିଛ କି? କେତେକେ ବିଶ୍ୱାସ କରନ୍ତି ଯେ କୁକୁର ଅଳ୍ପ ସମୟ ଶୋଇଥାଏ। ବାକି ସମୟ ଜାଗ୍ରତ ରହି ସେ ଘର ଜଗେ। କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଏହି ପ୍ରାଣୀ ପ୍ରାୟ ଅଧିକ ସମୟ ଶୋଇବାରେ ବିତାଇଥାଏ। ତେବେ ତାଙ୍କର ନିଦ ସେମାନଙ୍କ ବୟସ,ସ୍ୱାସ୍ଥ୍ୟ ଏବଂ ଦିନଚର୍ଯ୍ୟା ଉପରେ ନିର୍ଭର କରିଥାଏ। ଏକ ଗବେଷଣା ତଥ୍ୟ ଅନୁସାରେ ପ୍ରାପ୍ତ ବୟସ୍କ କୁକୁର ପ୍ରାୟ ୧୨–୧୪ଘଣ୍ଟା ଶୋଇଥାଏ। ଛୋଟ କୁକୁର ଛୁଆ ୧୮ରୁ ୨୦ଘଣ୍ଟା ପର୍ଯ୍ୟନ୍ତ ଶୋଇପାରେ। ବଢ଼ୁଥିବା ବୟସ ସହିତ ସେମାନଙ୍କର ଶାରୀରିକ ଏବଂ ମାନସିକ ବିକାଶର ଆବଶ୍ୟକତା କାରଣରୁ ଅଧିକ ଶୋଇଥାନ୍ତି। ବୟସ ବଢ଼ିବା ଅନୁସାରେ ସେମାନଙ୍କ ଶକ୍ତି ସ୍ତର କମ୍ ହୋଇଯାଏ ଏବଂ ସେମାନେ ଶୋଇବାକୁ ଲାଗନ୍ତି। ଅନ୍ୟପକ୍ଷରେ ଯଦି ସେମାନେ ରୋଗଗ୍ରସ୍ତ ହୋଇଥାନ୍ତି ତେବେ ସେମାନଙ୍କର ଶୋଇବାରେ ଅଧିକ ସମୟ ବିତିଥାଏ। କୁକୁରଙ୍କ ନିଦ ତାଙ୍କର ଶାରୀରିକ ଏବଂ ମାନସିକ ସ୍ୱାସ୍ଥ୍ୟ ପାଇଁ ବହୁତ ଜରୁରୀ ବୋଲି କୁହାଯାଇଛି।

# ସାଙ୍ଗ ହୋଇ ଗାଆନ୍ତି ଗୀତ


ବିଶ୍ୱରେ ଏକ ଲକ୍ଷରୁ ଅଧିକ ପ୍ରଜାତିର ଜୀବଜନ୍ତୁ ଦେଖିବାକୁ ମିଳିଥାନ୍ତି। ଏମିତି ଏକ ପ୍ରଜାତିର ପକ୍ଷୀ ଅଛି, ଯାହାର ଏକ ସ୍ୱତନ୍ତ୍ର ବିଶେଷତ୍ୱ ରହିଛି । ସାଧାରଣତଃ ଅଧିକାଂଶ ପକ୍ଷୀ ନିଜର ସୁନ୍ଦରତା ଏବଂ ମଧୁର କଣ୍ଠ କାରଣରୁ ମଣିଷର ଧ୍ୟାନ ଆକର୍ଷଣ କରିଥାନ୍ତି। ଗୋଲ୍ଡ ଫିଞ୍ଚ୍ ପ୍ରଜାତିର ପକ୍ଷୀ ଦଳବଦ୍ଧ ହୋଇ ଗୀତ ଗାଆନ୍ତି। ଆଉ ସେମାନଙ୍କର ଏହି ସୁମଧୁର ସ୍ୱର ବେଶ୍ ଆକର୍ଷଣୀୟ। ବିଶ୍ୱରେ ଏମାନଙ୍କର ତିନୋଟି ପ୍ରଜାତି ରହିଛି। ପ୍ରଥମଟି ହେଲା–ୟୁରୋପୀୟ ଗୋଲ୍ଡ ଫିଞ୍ଚ୍ , ଏହା ବ୍ୟତୀତ ଆଟଲାଣ୍ଟିକରେ ଦୁଇଟି ପ୍ରଜାତି ଦେଖାଯାନ୍ତି। ଅଣ୍ଡିରା ଏବଂ ମାଈ ଫିଞ୍ଚ୍ ମଧ୍ୟରେ ମଧ୍ୟ କିଛି ଫରକ ରହିଛି। ଅନ୍ୟପକ୍ଷରେ ଏଭଳି ପ୍ରଜାତିର ପକ୍ଷୀ ଦକ୍ଷିଣ–ପଶ୍ଚିମ ଆମେରିକାରେ ଅଧିକ ସଂଖ୍ୟାରେ ଦେଖାଯାଆନ୍ତି। ଏମାନେ ମଧୁର ଗୀତ ଏବଂ ସୁମଧୁର କଣ୍ଠ ପାଇଁ ବେଶ୍ ପରିଚିତ। ସାଧାରଣତଃ ଏଭଳି ପକ୍ଷୀ ବସନ୍ତ ଋତୁରେ ଅଧିକ ଦେଖିବାକୁ ମିଳିଥାନ୍ତି।



# ଆ ଇ ନା

**ଅଙ୍କିତା ସାହୁ**
୯ ବର୍ଷ/ଭୁବନେଶ୍ୱର






**ଶ୍ରେୟାଂଶୀ ସେଜଲ**
୧୨ ବର୍ଷ/ଭୁବନେଶ୍ୱର